# Akashvani, Sambalpur

## SAMBALPURI NEWS BULLETIN

### 8 August 2024- 6.47- 6.52 am.

*********************************************

ମୁଖ୍ୟମନ୍ତ୍ରୀ- କୁଇଲା ରାଷ୍ଟ୍ରାୟତ ଉଦ୍ୟୋଗ/ଆର୍ଏନ୍ୟୁ /ସମ୍ବଲପୁର

ଏମ୍ସିଏଲ୍ ଆଉ ଅଲ୍ଗା କେନ୍ଦ୍ରୀୟ କୁଇଲା ରାଷ୍ଟ୍ରାୟତ ଉଦ୍ୟୋଗ୍ଥି ସ୍ଥାନୀୟ ଇଲାକାର୍ ପିଲାଟୁକେଲ୍ମାନ୍କୁ ନିଯୁକ୍ତି ଦେବାର୍ ଉପ୍ରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଜୋର୍ ଦେଇଛନ୍ । ଗଲାକାଏଲ୍ ଭୁବ୍ନେଶ୍ୱର୍ ନ କେନ୍ଦ୍ର କୁଇଲା ବିଭାଗ୍ ସଚିବ ଅମୃତ୍ ଲାଲ୍ ମୀନା ତାଙ୍କୁ ଭେଟ୍ବାର୍ ବେଲେ ମୁଖ୍ୟମନ୍ତ୍ରୀ ତାଲ୍ଚେର୍ ମେଡ଼ିକାଲ୍ କଲେଜ୍କେ ଏମ୍ସିଏଲ୍ ସହଯୋଗ୍ଥି ଜଲ୍ଦି କାର୍ଯ୍ୟକାରୀ କର୍ବାର୍ ଉପ୍ରେ ଜୋର୍ ଦେଇଥିଲେ । ଇତାର୍ସହେତେ ସି.ଏସ୍.ଆର୍ ପାଣ୍ଠିଥି ସ୍ଥାନୀୟ ଇଲାକାର୍ ବିକାଶ୍ ବାବ୍ଦେ ଭିଲ୍ ଆଲୋଚନା ହେଇଥିଲା । ରାଜ୍ୟ ନ କ୍ରୀଡ଼ା ଭିତିଭୂମି, ପର୍ଯ୍ୟଟନ୍ ଆଉ ଅଲ୍ଗା କ୍ଷେତ୍ର୍ ଉନ୍ନତି ଲାଗି

ଏମ୍‌ସିଏଲ୍ ପାଣ୍ଠି ଯୁଗେଇ ଦେବା ବଲି ଆଲୋଚନାନୁ ଜନାପଡ଼ିଛେ ।

ଆମେରିକାର ବାଣିଜ୍ୟ କନ୍‌ସଲ୍ ଜେନେରାଲ-ମୁଖ୍ୟମନ୍ତ୍ରୀ

ଆର୍‌ଏନ୍‌ୟୁ / ସମ୍ବଲପୁର

ହାଇଦ୍ରାବାଦ୍ ନ ଥିବା ଯୁକ୍ତରାଷ୍ଟ୍ର ଆମେରିକାର ବାଣିଜ୍ୟ କନ୍‌ସଲ୍ ଜେନେରାଲ୍ ଜେନିଫର୍ ଲାର୍ସନ୍ ଗଲାକାଏଲ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଭେଟିଛନ୍ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଲାର୍ସନ୍‌ଙ୍କୁ ସ୍ୱାଗତ୍ କର୍‌ବାର୍ ସହେତେ ରାଜ୍ୟର୍ ଶିଳ୍ପ, ଶିକ୍ଷା, ଅକ୍ଷୟଶକ୍ତି, ସଂସ୍କୃତି ଆଉ ପର୍ଯ୍ୟଟନ୍ କ୍ଷେତ୍ରଥି ମିଶିକରି କାମ୍ କର୍‌ବାର୍ ସହେତେ ବିକାଶ୍‌ଥି ସହଯୋଗୀ ହେବାର୍‌କେ ଆହ୍ୱାନ୍ ଦେଇଥିଲେ ।

ଜନ ଅଭିଯୋଗ୍ ଶୁଣାଣି ଆର୍‌ଏନ୍‌ୟୁ / ସମ୍ବଲପୁର

ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି କାର୍ଯ୍ୟକ୍ରମ୍ ଆଏବା ୧୨ ତାରିଖ୍ ଦିନ ବନ୍ଦ୍ ରହେବା । ଜନ ଅଭିଯୋଗ୍ ଶୁଣାଣିର୍ ପରବର୍ତ୍ତୀ ତାରିଖ୍ ସାଧାରଣ ପ୍ରଶାସନ୍ ଆଉ ସାଧାରଣ

ଅଭିଯୋଗ୍ ବିଭାଗ୍ ତର୍ଫୁ ଜନେଇ ଦିଆଯିବା ବଲି ମୁଖ୍ୟମନ୍ତ୍ରୀଙ୍କର୍ କାର୍ଯ୍ୟାଳୟ ତର୍ଫୁ କୁହାଯାଇଛେ ।

ଜିଲ୍ଲାପାଲ୍‌ସ୍ତର୍ ନ ଅଦଲ୍‌ବଦଲ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟ ସର୍‌କାର୍ ୨୪ ଟା ଜିଲ୍ଲାର୍ ଜିଲ୍ଲାପାଲ୍‌ଙ୍କର୍ ଅଦଲ୍‌ବଦ୍‌ଲ କରିଛନ୍ । ଇ ବାବ୍‌ଦେ ସାଧାରଣ ପ୍ରଶାସନ୍ ବିଭାଗ୍ ତର୍ଫୁ ବିଜ୍ଞପ୍ତି ବାହାରିଛେ । ବିଜ୍ଞପ୍ତି ଅନ୍‌ସାରେ, ଭଦ୍ରକ୍ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଲିରାମ୍ ବନ୍ଧାର୍‌ଙ୍କୁ ସମ୍ବଲ୍‌ପୁର୍ ଜିଲ୍ଲାପାଲ୍ ଭାବେ ନିଯୁକ୍ତି ଦିଆଯାଇଛେ । ସେନ୍ତା ରାୟଗଡ଼ା ଜିଲ୍ଲାପାଲ୍ ମନୋଜ୍ ସତ୍ୟବାନ୍ ମହାଜନ୍ ଏତ୍‌କେ ସୁନ୍ଦର୍‌ଗଡ଼୍ ଜିଲ୍ଲାପାଲ୍ ଭାବେ ଦାୟିତ୍ୱ ତୁଲାବେ । ଓଡ଼ିଶା ଖଣି ନିଗମ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କବୀନ୍ଦ୍ର କୁମାର୍ ସାହୁଙ୍କୁ ଦେବ୍‌ଗଡ଼୍ ଜିଲ୍ଲାପାଲ୍ ଭାବେ ବଦ୍‌ଲି କରାଯାଇଛେ । ସଂସ୍କୃତି ବିଭାଗ୍‌ର ସ୍ୱତନ୍ତ୍ର ସଚିବ ମଧୁସୂଦନ୍ ଦାସ ନୂଆପଡ଼ା ଜିଲ୍ଲାପାଲ୍ ହେଇଛନ୍ । ସେନ୍ତା ମାଲ୍‌କାନ୍‌ଗିରି ଜିଲ୍ଲାପାଲ୍ ପାଓ୍ୱାର୍ ସଚିନ୍ ପ୍ରକାଶ୍ କଲାହାଣ୍ଡି ଜିଲ୍ଲାପାଲ୍ ଭାବେ ନିଯୁକ୍ତି ପାଇଛନ୍ । ବୌଦ୍ଧ ଜିଲ୍ଲାପାଲ୍ ଭାବେ ସୁବ୍ରତ୍ କୁମାର୍ ପଣ୍ଡାଙ୍କୁ ଦାୟିତ୍ୱ ମିଲିଛେ ବଲି ବିଜ୍ଞପ୍ତିନୁ ସୂଚ୍‌ନା ମିଲିଛେ । ସେଆଡ଼େ ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତିର୍

ନିର୍ଦ୍ଦେଶକ ଭାବେ ଡକ୍ଟର୍ ବିଜୟ କେତନ ଉପାଧ୍ୟାୟଙ୍କୁ ଦାୟିତ୍ୱ ମିଳିଛେ ।

ଷ୍ଟେସନ୍ ଆଉ ସର୍ଭିସ୍ ବିଲ୍ଡିଂ ଆର୍ଏନ୍ୟୁ /ସମ୍ବଲପୁର

ପୂର୍ବତଟ ରେଲ୍ପଥ ଆର୍ ଇତାର୍ ଇଲାକା ଭିତ୍ରେ ଥିବା ଭିନ୍ ଭିନ୍ ଷ୍ଟେସନ୍ ଆଉ ସର୍ଭିସ୍ ବିଲ୍ଡିଂର ଛାତ୍ ଉପ୍ରେ ପାୱାର୍ ପ୍ଲାଂଟ୍ ଥାପ୍ନା କର୍ବାର୍କେ ଯୋଜ୍ନା କରାଯାଇଛେ । ପୂର୍ବତଟ ରେଲ୍ବାଇର ଶହେ ୪୯ ଟା ଷ୍ଟେସନ୍ ବିଲ୍ଡିଂ, ୨ ଶହ ୪୮ ଟା ସର୍ଭିସ୍ ବିଲ୍ଡିଂ, ୬ ହଜାର୍ ୯ ଶହ ୨୪ ଟା ଆବାସିକ ବିଲ୍ଡିଂ ଆର୍ ୩ ଶହ ୬୬ ଟା ଲେଭଲ୍କ୍ରସିଂ ଗେଟ୍ ମାନ୍କେ ସୋଲାର୍ ପାୱାର୍ ପ୍ଲାଂଟ୍ ଥାପ୍ନା କର୍ବାର୍କେ ନିଷ୍ପତି ନିଆଯାଇଛେ । ଇଥି ବଛର୍କ ପାଖାପାଖି ୨୧ ହଜାର୍ ୮ ଶହ ୨୬ କିଲୋୱାଟ୍ ପାୱାର୍ କ୍ଷମତାର ପାୱାର୍ ପ୍ଲାଂଟ୍ ଥାପ୍ନା କର୍ବାର୍ ଲାଗି ଯୋଜ୍ନା କରାଯାଇଛେ ।

ନଗର୍ ଉନ୍ନୟନ୍ ମନ୍ତ୍ରୀ-ସମୀକ୍ଷା ଆର୍ଏନ୍ୟୁ /ସମ୍ବଲପୁର

ରାଜ୍ୟର୍ ଲୁକ୍‌କର୍ ସୁରକ୍ଷା ଲାଗି ବିଶୁଦ୍ଧ ପାନୀୟ ଜଳଯୋଗାଣ ଉପ୍‌ରେ ଗୃହ ନିର୍ମାଣ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର ଜୋର୍ ଦେଇଛନ୍ । ଓଡ଼ିଶା ଜଳ ନିଗମ - ୱାଟ୍‌କୋର କାମ୍ ଆଉ ଅଗ୍ରଗତି ବାବ୍‌ଦେ ସମୀକ୍ଷା କରିକରି ସେ ବଢୁଥିବାର୍ ପାଏନ୍‌ର ଦର୍‌କାର୍‌କେ ପୁରା କର୍‌ବାର୍ ଲାଗି ଚାଲିଥିବା ସବୁ ପ୍ରକଳ୍ପକେ ଜଲ୍‌ଦି ଶେଷ୍ କର୍‌ବାର୍‌କେ ୱାଟ୍‌କୋକେ ନିର୍ଦ୍ଦେଶ୍ ଦେଇଛନ୍ । ସମୀକ୍ଷା ସମିଆକେ ୱାଟ୍‌କୋର ସିଇଓ ନିଗମ୍‌ର ସଫଲତା ବାବ୍‌ଦେ ଟିକିନିଖି ବିବରଣୀ ଦେଇଥିଲେ ।

ଓଡ଼ିଆ ଏକକ ଭାଷା ପରୀକ୍ଷା ଫଲ  ଆର୍‌ଏନ୍‌ୟୁ /ସମ୍ବଲପୁର

ମାଧ୍ୟମିକ ଶିକ୍ଷା ପରିଷଦ୍ ତର୍‌ଫୁ ପରିଚାଲିତ୍ ଓଡ଼ିଆ ଏକକ ଭାଷା ପରୀକ୍ଷା ଫଲ୍ ବାହାରିଛେ । ୧୦ କ୍ଲାସ୍ ଆଉ ୮ କ୍ଲାସ୍ ଷ୍ଟାଣ୍ଡାର୍ଡର୍ ହେଇଥିବା ଇ ପରୀକ୍ଷା ଫଲ୍ ବୋର୍ଡ଼ର ୱେବ୍‌ସାଇଟ୍‌ଥି ମିଳୁଛେ । ୧୦ ଶ୍ରେଣୀ ଷ୍ଟାଣ୍ଡାର୍ଡ ଲାଗି ୬ ହଜାର୍ ୪ ଶହ ୬୨ ଝନ୍ ପରୀକ୍ଷାର୍ଥୀଙ୍କର୍ ଭିତ୍‌ରୁ ୫ ହଜାର୍ ୮ ଶହ ୮୭ ଝନ୍ ପାସ୍

କରିଛନ୍ । ଅଷ୍ଟମ ଶ୍ରେଣୀ ଷ୍ଟାଣ୍ଡାର୍ଡ୍‌ଥି ୧ ହଜାର୍ ୫ ଶହ ୯ ଝନ୍ ପାସ୍ କରିଛନ୍ ।

ପୁରୀ- ଆଇସିଏମ୍ଆର୍ ଆର୍ଏନ୍‌ୟୁ /ସମ୍ବଲପୁର

ପୁରୀଠାନେ ଆଇସିଏମ୍ଆର୍ ତର୍‌ଫୁ ଉନ୍ନତ୍ ଜରୁରୀକାଲୀନ୍ ଚିକିତ୍ସା ବ୍ୟବସ୍ଥାର୍ ବିକାଶ୍ ଲାଗି ଗୁଟେ ଜାତୀୟ ସ୍ୱାସ୍ଥ୍ୟ ଅନୁସନ୍ଧାନ ପ୍ରାଥମିକତା ପ୍ରକଳ୍ପ ମୁଲ୍ ହେବା ବଲି ଭୁବ୍‌ନେଶ୍ୱର୍ ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡକ୍ଟର୍ ଆଶୁତୋଷ ବିଶ୍ୱାସ୍ କହିଛନ୍ । ସ୍ୱାସ୍ଥ୍ୟ ଭିତିଭୂମିଥି ଉନ୍ନତି, ସେବା ପ୍ରଦାନ୍‌କାରୀଙ୍କର୍ ଦକ୍ଷତା ବଢ଼ାବାର୍, ସୂଚନା ପ୍ରଯୁକ୍ତି ଆଉ କୃତ୍ରିମ ବୁଦ୍ଧିମତା - ଏ.ଆଇ.ଥି ଥିବା ଉପକରଣ୍‌ଥି ଜରୁରୀକାଲୀନ୍ ଚିକିତ୍ସା ବ୍ୟବସ୍ଥାକେ ବର୍‌କସ୍ କର୍‌ବାର୍‌କେ ଲକ୍ଷ୍ୟ ରଖାଯାଇଛେ ।

କଲାହାଣ୍ଡି -ହାତୀ ଆର୍ଏନ୍‌ୟୁ /ସମ୍ବଲପୁର

କଲାହାଣ୍ଡି ଜିଲ୍ଲା ନର୍ଲା ବନାଂଚଲ୍‌ର ଭିନ୍ ଭିନ୍ ଗାଁ ନ ହାତୀ ମାନ୍‌କର୍ ଲାଗି ଚାଷ୍ ପ୍ରଭାବିତ୍ ହେଉଥିବାର୍ ଅଭିଯୋଗ୍ ହେଉଛେ । ଧାନ୍ ପହ୍ଲା, କପା, ମେକା ବାଗିର୍ ଭିନ୍ ଭିନ୍ ଫସଲ୍

ହେଇଥିବାର୍ ଖେତ୍‌କେ ହାତୀମାନେ ଆସୁଥିବାର୍‌ନୁ ନୁକ୍‌ସାନ୍ ହେଉଥିବାର୍ ଅଭିଯୋଗ୍ ହେଉଛେ । ଜଙ୍ଗଲ୍ ବିଭାଗ୍ ଗଜସାଥୀମାନ୍‌କର୍ ସହେତେ ମୋବାଇଲ୍ ଟ୍ରେକିଂ ଜରିଏ ହାତୀମାନ୍‌କର୍ ଥିତି ଜାନ୍‌ବାର୍ ଉତ୍‌ରୁ ଲୁକ୍‌କୁ ସଚେତନ୍ କରଉଛନ୍ । ହେନ୍ତା ହାତୀମାନ୍‌କୁ ଜଙ୍ଗଲ୍ ଭିତର୍‌କେ ନେବାର୍ ଲାଗି ଉଦ୍ୟମ୍ କରୁଥିବାର୍ ଜନାପଡ଼ିଛେ ।

ବହୁଭାଷୀ ତାଲିମ୍ ଶିବିର ଆର୍‌ଏନ୍‌ୟୁ / ସମ୍ବଲପୁର

ଭୁବନେଶ୍ୱର୍ ଠାନେ ୪ ଦିନିଆ ବହୁଭାଷୀ ତାଲିମ୍ ଶିବିର ମୁଲ୍ ହେଇଛେ । ଇଟା ଆଏବା ୧୦ ତାରିଖ୍‌ତକ୍ ଚାଲ୍‌ବା । ଇ କାର୍ଯ୍ୟକ୍ରମ୍‌ଥି ଆଦିବାସୀ ଭାଷା ସଂସ୍କୃତି ଏକାଡେମୀର ସହ ନିର୍ଦ୍ଦେଶକ ସମରେନ୍ଦ୍ର ଭୂତିଆ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ଜନଜାତି ଛାତ୍ରଛାତ୍ରୀମାନେ ସାମ୍ନା କରୁଥିବା ଭାଷା ବାବଦ୍ ସମସ୍ୟା ଉପ୍‌ରେ ଜୋର୍ ଦେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଗାଙ୍ଗେୟ ପଶ୍ଚିମବଙ୍ଗ ଆଉ ଇତାର୍ ପାଶର୍ ବାଂଲାଦେଶ୍ ନ ସୃଷ୍ଟି ହେଇଥିବା ଘୂର୍ଣ୍ଣିବଳୟ ଏଛେନ୍ ଗାଙ୍ଗେୟ ପଶ୍ଚିମବଙ୍ଗ, ଝାର୍‌ଖଣ୍ଡ

ଆର୍ ଉତର୍ ଓଡ଼ିଶା ଉପ୍ରେ ରହିଛେ । ଇତାର୍ ପ୍ରଭାବ୍ଥି ଆଏବା ୨୪ ଘଂଟା ଭିତ୍ରେ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେବାର୍ ସମ୍ଭାବନା ରହିଛେ ବଲି ଭୁବ୍ନେଶ୍ୱର୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍ଫୁ କୁହାଯାଇଛେ । ଆଏଜ୍ ସୁନ୍ଦର୍ଗଡ୍, ଝାର୍ସୁଗୁଡ଼ା, ବର୍ଗଡ୍, ସୁବର୍ଣ୍ଣପୁର୍ ଆର୍ ବଲାଙ୍ଗିର୍ ଜିଲ୍ଲା ନ ଅତି ପ୍ରବଲ୍ ବର୍ଷା ହେବାର୍ ଅନୁମାନ୍ କରାଯାଇଛେ ।